# ରାଉରକେଲା ମହାନଗର ନିଗମ, ରାଉରକେଲା

ଉଦିତନଗର, ରାଉରକେଲା, ୭୬୯୦୧୨

Mail Id: rourkelamunicipality@gmail.com,  ଦୂରଭାଷ: : (୦୬୬୧-୨୫୦୦୩୮୮)


ବିଜ୍ଞାପନ ସଂଖ୍ୟା: ୮୧୭୧ ତାରିଖ: 22/06/22

## ଓଡିଶା ନିର୍ମାଣ ଶ୍ରମିକ ସାମୟିକ ରହଣୀସ୍ଥଳ (ଆଶ୍ରୟ)ର ପରିଚାଳନା ନିମନ୍ତେ ଆବେଦନ ପତ୍ର

ଏତଦ୍ ଦ୍ୱାରା ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ରାଉରକେଲା ମହାନଗର ନିଗମ, ରାଉରକେଲା ଅଧୀନରେ **ପ୍ଲାଣ୍ଟ ସାଇଟ୍** ଠାରେ ଥିବା **ଓଡିଶା ନିର୍ମାଣ ଶ୍ରମିକ ସାମୟିକ ରହଣୀସ୍ଥଳ (ଆଶ୍ରୟ)**ର ପରିଚାଳନା ନିମନ୍ତେ ଆବେଦନ ପତ୍ର ନିମନ୍ତ୍ରଣ କରାଯାଉଅଛି । ତେଣୁ ଇଚ୍ଛୁକ ଏବଂ ଦକ୍ଷ ମିଶନ ଶକ୍ତି ସ୍ୱୟଂ ସହାୟିକା ଗୋଷ୍ଠୀ/ ଆଞ୍ଚଳିକ ସ୍ତରୀୟ ମହାସଂଘ ମାନେ ତା 22/06/22 ରିଖ ଠାରୁ ତା 08/07/22 ରିଖ (ଅପରାହ୍ନ ୪.୦୦ ଘଟିକା) ମଧ୍ୟରେ ଆବେଦନ ପତ୍ର ପୂରଣ କରି ଆବଶ୍ୟକୀୟ ଦସ୍ତାବିଜ ସହିତ ବନ୍ଦ ଲଫାଫାରେ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟରେ ଦାଖଲ କରିବାକୁ ଅବଗତ କରାଗଲା ।

## ସ୍ୱୟଂ ସହାୟିକା ଗୋଷ୍ଠୀର ନିମ୍ନଲିଖିତ ଯୋଗ୍ୟତା ଓ ଡକ୍ୟୁମେଣ୍ଟ ଥିବା ଆବଶ୍ୟକ

୧- ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘକୁ ତା୦୧-୦୬-୨୦୨୨ରିଖ ସୁଦ୍ଧା ସର୍ବନିମ୍ନ ୨ ବର୍ଷ ହୋଇଥିବ ।
୨- ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘ ରାଉରକେଲା ମହାନଗର ନିଗମ ଅଞ୍ଚଳର ହୋଇଥିବା ଆବଶ୍ୟକ ।
୩- ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘର ଏକ ସକ୍ରିୟ ବ୍ୟାଙ୍କ ଜମାଖାତା ଥିବ, ଯେଉଁଥିରେ କି ନିୟମିତ ମାସିକ ସଞ୍ଚୟ ହେଉଥିବ ଏବଂ ଆଶ୍ରୟ ପରିଚାଳନା ନିମନ୍ତେ ସର୍ବନିମ୍ନ ଏକ ଲକ୍ଷ ଟଙ୍କାର ପୁଞ୍ଜି ଥିବା ଜରୁରୀ ଅଟେ ।
୪- ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘ ର ନିୟମିତ ସଭା ବିବରଣୀ ଲିପିବଦ୍ଧ ହେଉଥିବ ଏବଂ ସମସ୍ତ ଖାତାପତ୍ର ଅପଡେଟ୍ ଥିବ ।
୫- ଆଞ୍ଚଳିକ ସ୍ତରୀୟ ମହାସଂଘ ସୋସାଇଟି ପଞ୍ଜୀକରଣ ଅଧିନିୟମ, ୧୮୬୦ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ ।
୬- ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘର ପ୍ୟାନ କାର୍ଡ ଥିବା ଜରୁରୀ ଅଟେ ।
୭- ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘ ବର୍ତ୍ତମାନ କୌଣସି ସରକାରୀ ଯୋଜନା ଅଧୀନରେ ସ୍ଥାୟୀ ଆୟ ସୃଷ୍ଟି ହେଉଥିବା କାର୍ଯ୍ୟକଳାପରେ ଜଡିତ ନଥିବ ।

**(ଉପରୋକ୍ତ ଯୋଗ୍ୟତା ଥିବା ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘ ଓଡିଶା ନିର୍ମାଣ ଶ୍ରମିକ ସାମୟିକ ରହଣୀସ୍ଥଳ (ଆଶ୍ରୟ) ପରିଚାଳନା ନିମନ୍ତେ ଗ୍ରେଡିଂ କରାଯାଇ ସର୍ବାଧିକ ମାର୍କ ରଖିଥିବା ସହାୟିକା ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘକୁ ଚୟନ କମିଟି ଦ୍ୱାରା ଚୟନ କରାଯିବ ।)**

**ଚୟନ ପ୍ରକ୍ରିୟାର ବିଭିନ୍ନ ସୋପାନ ଓ ତାରିଖ :**

| କ୍ର: ସଂ: | ଚୟନ ପ୍ରକ୍ରିୟାର ବିଭିନ୍ନ ସୋପାନ | ତାରିଖ ଓ ସମୟ |
|---|---|---|
| ୧ | ଆବେଦନ କରିବାର ତାରିଖ : | 22/06/22 |
| ୨ | ଆବେଦନ କରିବାର ଶେଷ ତାରିଖ ଓ ସମୟ : | 08/07/22, ଅପରାହ୍ନ ୪.୦୦ ଘଟିକା |
| ୩ | ଆବେଦନ କରାଯାଇଥିବା ପ୍ରସ୍ତାବ ଖୋଲିବା ତାରିଖ : | 08/07/22, ଅପରାହ୍ନ ୪.୩୦ ଘଟିକା |

ଆୟୁକ୍ତ
ରାଉରକେଲା ମହାନଗର ନିଗମ

ପରିପତ୍ର ସଂଖ୍ୟା : ୮୧୭୨ ତାରିଖ: 22/06/22

ଏହି ବିଜ୍ଞପ୍ତିର ନକଲ ରାଉରକେଲା ମହାନଗର ନିଗମ ଓ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ପ୍ରକାଶନ କରାଯାଇ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା । ଏହାର ଏକକିତା ନକଲ ଶିଶୁ ବିକାଶ ଯୋଜନା ଅଧିକାରୀ - ସିଭିଲ ଟାଉନସିପ୍, ଉଦିତନଗର ଓ ଶିଳ୍ପାଞ୍ଚଳ / ଗୋଷ୍ଠୀ ସଙ୍ଗଠିକାଙ୍କ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଆୟୁକ୍ତ
ରାଉରକେଲା ମହାନଗର ନିଗମ

# ପରିଶିଷ୍ଟ-କ

**ପ୍ରାପ୍ତେଷୁ,**

**ଆୟୁକ୍ତ,**

**ରାଉରକେଲା ମହାନଗର ନିଗମ, ରାଉରକେଲା**

**ବିଷୟ:** ଓଡିଶା ନିର୍ମାଣ ଶ୍ରମିକ ସାମୟିକ ରହଣୀସ୍ଥଳ (ଆଶ୍ରୟ)ର ପରିଚାଳନା ନିମନ୍ତେ ଦରଖାସ୍ତ ।

**ମହାଶୟ/ମହାଶୟା ,**

ଏତଦ୍ୱାରା ଆପଣଙ୍କୁ ଜଣାଇ ଦେଉଛୁ କି, ଆମ୍ଭେ ______________________________ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘ , ଠିକଣା:____________________________________________________________, ୱାର୍ଡ ସଂଖ୍ୟା:________, ଓଡିଶା ନିର୍ମାଣ ଶ୍ରମିକ ସାମୟିକ ରହଣୀସ୍ଥଳ (ଆଶ୍ରୟ), ପ୍ଲାଣ୍ଟ ସାଇଟ୍ ର ପରିଚାଳନା ଦାୟିତ୍ୱ ନେବା ପାଇଁ ଇଚ୍ଛୁକ ଅଟୁ । ଏହା ପାଇଁ ଆବଶ୍ୟକ ସମସ୍ତ ଦସ୍ତାବିଜ ଆମ୍ଭେ ଏହି ଦରଖାସ୍ତ ସହିତ ସଂଲଗ୍ନ କରିଅଛୁ ।

**ସଙ୍କଳ୍ପନାମା**: ଆମ୍ଭେ ଘୋଷଣା କରୁଅଛୁକି ପ୍ରସ୍ତାବରେ ଦିଆଯାଇଥିବା ସମସ୍ତ ତଥ୍ୟ/ବିବୃତ୍ତି ନିର୍ଭୁଲ ଅଟେ । ଯଦି କୌଣସି ତଥ୍ୟ ଭୁଲ ପ୍ରମାଣିତ ହୁଏ, ତାହେଲେ ଆମ୍ଭେ ଆଶ୍ରୟର ପରିଚାଳନା ପାଇଁ ଅଯୋଗ୍ୟ ବିବେଚିତ ହେବୁ ।

**ସଭାପତିଙ୍କ ମୋହର ସହିତ ସ୍ୱାକ୍ଷର:** **ସମ୍ପାଦିକାଙ୍କ ମୋହର ସହିତ ସ୍ୱାକ୍ଷର:**

**ତାରିଖ:**

# ପରିଶିଷ୍ଟ-ଖ

**ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘ ଦ୍ୱାରା ଦିଆଯାଇଥିବା ଦସ୍ତାବିଜର ସବିଶେଷ ତଥ୍ୟ :**

| କ୍ର: ସଂ: | ବିଷୟ | ପୃଷ୍ଠା ସଂଖ୍ୟା |
|---|---|---|
| ୧ | ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘର ନାମ, ଠିକଣା ଓ ମୋବାଇଲ ନମ୍ବର: | |
| ୨ | ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘର ଗଠନ ଅଧିବେଶନ ବିବରଣୀ : | |
| ୩ | ଆଞ୍ଚଳିକ ସ୍ତରୀୟ ମହାସଂଘ, ସୋସାଇଟି ପଞ୍ଜୀକରଣ ଅଧିନିୟମ, ୧୮୬୦ ଅଧୀନରେ ପଞ୍ଜୀକୃତ ହୋଇଥିବାର ପ୍ରମାଣପତ୍ର : | |
| ୪ | ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘର ସଭପତିଙ୍କର ନାମ, ଠିକଣା ଓ ମୋବାଇଲ ନମ୍ବର: | |
| ୫ | ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘର ସମ୍ପାଦିକାଙ୍କର ନାମ, ଠିକଣା ଓ ମୋବାଇଲ ନମ୍ବର: | |
| ୬ | ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘର ପ୍ୟାନ୍ ନମ୍ବର: | |
| ୭ | ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘର ବ୍ୟାଙ୍କ ବହିର ନକଲ (ଶେଷ ୧ ବର୍ଷର): | |
| ୮ | ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘର ବୈଠକ ବିବରଣୀର ନକଲ (ଶେଷ ୧ ବର୍ଷର): | |
| ୯ | ପରିଶିଷ୍ଟ-ଗ | |
| ୧୦ | ପରିଶିଷ୍ଟ-ଘ | |
| ୧୧ | ପରିଶିଷ୍ଟ-ଙ | |
| ୧୨ | ପରିଶିଷ୍ଟ-ଛ | |

❖ **ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘ ଦ୍ୱାରା ଦିଆଯାଇଥିବା ଦସ୍ତାବିଜର ସମୁଦାୟ ପୃଷ୍ଠା ସଂଖ୍ୟା____________**

**ସଭାପତିଙ୍କ ମୋହର ସହିତ ସ୍ୱାକ୍ଷର:** **ସମ୍ପାଦିକାଙ୍କ ମୋହର ସହିତ ସ୍ୱାକ୍ଷର:**

**ତାରିଖ:**

# ପରିଶିଷ୍ଟ-ଗ

## ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘର ବିସ୍ତୃତ ବିବରଣୀ:

| କ୍ର: ସଂ: | ବିଷୟ | ସବିଶେଷ ତଥ୍ୟ |
|---|---|---|
| ୧ | ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘର ନାମ ଓ ମୋବାଇଲ ନମ୍ବର: | |
| ୨ | ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘର ଠିକଣା ଓ ୱାର୍ଡ ସଂଖ୍ୟା : | |
| ୩ | ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘର ଗଠନ ତାରିଖ: | |
| ୪ | ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘର ସଭପତିଙ୍କର ନାମ, ଠିକଣା ଓ ମୋବାଇଲ ନମ୍ବର: | |
| ୫ | ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘର ସମ୍ପାଦିକାଙ୍କର ନାମ, ଠିକଣା ଓ ମୋବାଇଲ ନମ୍ବର: | |
| ୬ | ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘର ପ୍ୟାନ୍ (PAN) ନମ୍ବର: | |
| ୭ | ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘର ସଞ୍ଚୟ ଖାତା ଥିବା ବ୍ୟାଙ୍କ ଓ ଶାଖାର ନାମ : | |
| ୮ | ସ୍ୱୟଂ ସହାୟକ ଗୋଷ୍ଠୀର ବ୍ୟାଙ୍କ ସଞ୍ଚୟ ଖାତା ନମ୍ବର : | |
| ୯ | ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘ କେଉଁ କେଉଁ ସାମାଜିକ କାର୍ଯ୍ୟରେ ପୂର୍ବରୁ ନିୟୋଜିତ ଥିଲେ କିମ୍ବା ଅଛନ୍ତି ।: | |

ସଭାପତିଙ୍କ ମୋହର ସହିତ ସ୍ୱାକ୍ଷର: ସମ୍ପାଦିକାଙ୍କ ମୋହର ସହିତ ସ୍ୱାକ୍ଷର:

# ପରିଶିଷ୍ଟ-ଘ

## ଘୋଷଣାନାମା:

ଆମ୍ଭ ______________________________ ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘ ,_______________________________(ଠିକଣା), ୱାର୍ଡ ସଂଖ୍ୟା:_______ରେ ସମୁଦାୟ _________ ଜଣ ସଦସ୍ୟା ଅଛନ୍ତି ଏବଂ _________ ଜଣ ସଦସ୍ୟାଙ୍କର ରେସନ୍ କାର୍ଡ ଅଛି ।

**ସଭାପତିଙ୍କ ମୋହର ସହିତ ସ୍ୱାକ୍ଷର:** **ସମ୍ପାଦିକାଙ୍କ ମୋହର ସହିତ ସ୍ୱାକ୍ଷର:**

**ତାରିଖ:**

# ପରିଶିଷ୍ଟ-ଙ

## ସଙ୍କଳ୍ପନାମା:

ଆମ୍ଭ___________________ ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘ ,_____________________(ଠିକଣା), ୱାର୍ଡ ସଂଖ୍ୟା:_______ର ନାମରେ କିମ୍ବା ପରିଚାଳନା ସମିତିରେ ଥିବା କୌଣସି ସଦସ୍ୟାଙ୍କ ନାମରେ କୌଣସି ଅପରାଧିକ ମାମଲା ନାହିଁ । ଏହା ମଧ୍ୟ ଆମ୍ଭେ ଘୋଷଣା କରୁଅଛୁକି ରାଉରକେଲା ମହାନଗର ନିଗମ ଦ୍ୱାରା ଓଡିଶା ନିର୍ମାଣ ଶ୍ରମିକ ସାମୟିକ ରହଣୀସ୍ଥଳ (ଆଶ୍ରୟ) ପରିଚାଳନା ନିମନ୍ତେ କରାଯାଇଥିବା ସମସ୍ତ ନିୟମାବଳୀ ଆମ୍ଭେ ମାନିବା ପାଇଁ ରାଜି ଅଛୁ । ଯଦି ଏଥିରେ କିଛି ବ୍ୟତିକ୍ରମ ହୁଏ ତେବେ ଆମ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆମେ ପ୍ରସ୍ତୁତ ଅଟୁ ।

**ସଭାପତିଙ୍କ ମୋହର ସହିତ ସ୍ୱାକ୍ଷର:** **ସମ୍ପାଦିକାଙ୍କ ମୋହର ସହିତ ସ୍ୱାକ୍ଷର:**

**ତାରିଖ:**

## ଆବେଦନ ମୂଲ୍ୟାଙ୍କନ ପଦ୍ଧତି:

ଆବେଦନ କରିଥିବା ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘ ର ଦସ୍ତାବିଜ ଯାଞ୍ଚ କରାଯିବା ସଙ୍ଗେ ସଙ୍ଗେ ନିମ୍ନରେ ଦିଆଯାଇଥିବା ମାନଦଣ୍ଡ ଅନୁସାରେ ମୂଲ୍ୟାଙ୍କନ କରାଯିବ । ମୂଲ୍ୟାଙ୍କନ ପରେ ଅଧିକ ମାର୍କ ପାଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘ କୁ ପରିଚାଳନା ଦାୟିତ୍ୱ ହସ୍ତାନ୍ତର କରାଯିବ ।

# ପରିଶିଷ୍ଟ-ଚ

## ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘର ପରିମାପ:

| କ୍ର.ନଂ. | ପରିମାପର ବିଷୟ | ସଙ୍କେତକ | ମାର୍କ | ମୋଟ ପ୍ରାପ୍ତ ମାର୍କ |
|---|---|---|---|---|
| ୧ | ସଭ୍ୟାଙ୍କ ମିଶ୍ରଣ | • ସମସ୍ତ ସଭ୍ୟା ଗରିବ ଶ୍ରେଣୀର<br>• ୬୦% ରୁ ଅଧିକ ସଭ୍ୟା ଗରିବ ଶ୍ରେଣୀର<br>• ୬୦% ରୁ କମ୍ ସଭ୍ୟା ଗରିବ ଶ୍ରେଣୀର | • ୧୦<br>• ୦୫<br>• ୦୦ | |
| ୨ | ନିୟମିତ ସଞ୍ଚୟ | • ୮୦% ରୁ ଅଧିକ ସଭ୍ୟା ନିୟମିତ ସଞ୍ଚୟ କରନ୍ତି<br>• ୫୦% -୮୦% ସଭ୍ୟା ନିୟମିତ ସଞ୍ଚୟ କରନ୍ତି<br>• ୫୦% ରୁ କମ୍ ସଭ୍ୟା ନିୟମିତ ସଞ୍ଚୟ କରନ୍ତି | • ୦୫<br>• ୦୩<br>• ୦୦ | |
| ୩ | ଜମା ରାଶି | • ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ<br>• ୧.୫ ଲକ୍ଷ ରୁ ୨ ଲକ୍ଷ ଟଙ୍କା<br>• ୧ ଲକ୍ଷ ରୁ ୧.୫ ଲକ୍ଷ ଟଙ୍କା | • ୧୫<br>• ୧୦<br>• ୦୫ | |
| ୪ | ଖାତା ପତ୍ର ଲିଖନ<br>(ଯଦି ଖାତା ଥିବ ଏବଂ ନିୟମିତ ଲେଖାହେଉଥିବ । | • ଅଧିବେଶନ ଖାତା (୫ /୩ /୨)<br>• ସଞ୍ଚୟ ଖାତା (୫ /୩ /୨) | • ୦୫<br>• ୦୫ | |
| ୫ | ଯେକୌଣସି ଆୟ ସୃଷ୍ଟି କରୁଥିବା କାର୍ଯ୍ୟକଳାପରେ ଜଡିତ<br>(ଅତିତରେ କାର୍ଯ୍ୟକଳାପରେ ଜଡିତ ଥିଲେ କିମ୍ବା ବର୍ତ୍ତମାନ ଅଛନ୍ତି ) | • ୨ କିମ୍ବା ୨ରୁ ଉର୍ଦ୍ଧ୍ୱ କାର୍ଯ୍ୟକଳାପରେ ଜଡିତ<br>• ୧ ଟି କାର୍ଯ୍ୟକଳାପରେ ଜଡିତ<br>• କୌଣସି କାର୍ଯ୍ୟକଳାପରେ ଜଡିତ ନାହାନ୍ତି | • ୧୦<br>• ୦୫<br>• ୦୦ | |
| | | ସର୍ବମୋଟ ମାର୍କ | ୫୦ | |

ଆବେଦନ ମୂଲ୍ୟାଙ୍କନ ସରିଲା ପରେ ଶ୍ରେଷ୍ଠ ୩ ରୁ ୫ ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘକୁ ମୂଳ କାଗଜାତ ଯାଞ୍ଚ ପାଇଁ ଡକାଯିବ । ଯଦି ୧ ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ/ ଆଞ୍ଚଳିକ ସ୍ତରୀୟ ମହାସଂଘ ଗ୍ରେଡିଂରେ ସମାନ ମାର୍କ ରଖନ୍ତି ତେବେ ଲଟେରୀ ମାଧ୍ୟମରେ ଚୟନ କରାଯାଇ କାର୍ଯ୍ୟାଦେଶ ପ୍ରଦାନ କରାଯିବ ।

## ପରିଶିଷ୍ଟ-ଛ

## ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘ ଜଡିତ ଥିବା ଆୟ ସୃଷ୍ଟି କରୁଥିବା କାର୍ଯ୍ୟକଳାପ

| କ୍ର: ସଂ: | ଆୟ ସୃଷ୍ଟି କରୁଥିବା କାର୍ଯ୍ୟକଳାପର ନାମ | କାର୍ଯ୍ୟକଳାପର ସମୟ | ମନ୍ତବ୍ୟ |
|---|---|---|---|
| | | | |
| | | | |
| | | | |
| | | | |
| | | | |
| | | | |
| | | | |

ସଭାପତିଙ୍କ ମୋହର ସହିତ ସ୍ୱାକ୍ଷର:

ସମ୍ପାଦିକାଙ୍କ ମୋହର ସହିତ ସ୍ୱାକ୍ଷର:

ତାରିଖ:

# ସନ୍ଦର୍ଭ ସର୍ତ୍ତାବଳୀ

**(କ) ଉଦ୍ଦେଶ୍ୟ:**

ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଓଡିଶା ନିର୍ମାଣ ଶ୍ରମିକ ସାମୟିକ ରହଣୀସ୍ଥଳ (ଆଶ୍ରୟ) ପରିଚାଳନା ନିମନ୍ତେ ଏକ ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ଆଞ୍ଚଳିକ ମହାସଂଘ ଚୟନ କରିବା, ଯିଏକି

- ସୋସାଇଟ ରେଜିଷ୍ଟ୍ରେସନ୍ ଆକ୍ଟ, ୧୮୬୦ ରେ ପଞ୍ଜୀକୃତ ହୋଇଥିବ,
- ପ୍ୟାନ୍ କାର୍ଡ ଥିବ ଏବଂ
- ଅନ୍ତତ ପକ୍ଷେ ୨ ବର୍ଷର ପୁରୁଣା ହୋଇଥିବ ।

**(ଖ) କାର୍ଯ୍ୟର ପରିସର:**

ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ଆଞ୍ଚଳିକ ମହାସଂଘର ଦାୟିତ୍ୱ ;

**କାର୍ଯ୍ୟ -୧:** ନିର୍ମାଣ ଶ୍ରମିକଙ୍କ ପାଇଁ ସଚେତନତା ସୃଷ୍ଟି କରିବା ।

**କାର୍ଯ୍ୟ -୨:** ଓଡିଶା ନିର୍ମାଣ ଶ୍ରମିକ ସାମୟିକ ରହଣୀସ୍ଥଳ (ଆଶ୍ରୟ)ରେ ନିର୍ମାଣ ଶ୍ରମିକଙ୍କୁ ଆଡମିଶନ କରାଇବା ।

**କାର୍ଯ୍ୟ -୩:** ଦୈନ୍ୟଦିନ ଓଡିଶା ନିର୍ମାଣ ଶ୍ରମିକ ସାମୟିକ ରହଣୀସ୍ଥଳ (ଆଶ୍ରୟ)ର ପରିଚାଳନା ଏବଂ ଆଶ୍ରୟର ପରିଷ୍କାରତା ସହିତ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ, ପରିବେଶର ସ୍ୱଚ୍ଛତା ବଜାୟ ରଖିବା ।

**କାର୍ଯ୍ୟ -୪:** ଆବଶ୍ୟକ କର୍ମଚାରୀ ନିୟୋଜନ କରିବା ।

**କାର୍ଯ୍ୟ -୫:** ଅନ୍ତେବାସୀଙ୍କ ଅଧିକାର ନିଶ୍ଚିତ କରିବା ।

**କାର୍ଯ୍ୟ -୬:** ଉପଭୋକ୍ତାଙ୍କ ଠାରୁ ଧାର୍ଯ୍ୟ ଦେୟ ସଂଗ୍ରହ କରିବା ।

**କାର୍ଯ୍ୟ -୭:** ରିପୋର୍ଟ ଦାଖଲ କରିବା (ସାପ୍ତାହିକ / ମାସିକ, ଆବଶ୍ୟକ କିମ୍ବା ନିର୍ଦ୍ଦେଶ ଅନୁଯାୟୀ) ।

**କାର୍ଯ୍ୟ -୮:** ଓଡିଶା ନିର୍ମାଣ ଶ୍ରମିକ ସାମୟିକ ରହଣୀସ୍ଥଳ (ଆଶ୍ରୟ) ପରିଚାଳନା ସଂସ୍ଥାର ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ ।

**(ଗ) ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ଆଞ୍ଚଳିକ ମହାସଂଘରକୁ ଦାଖଲ କରିବାକୁ ଥିବା ବିଭିନ୍ନ ରିପୋର୍ଟର ସମୟସୀମା;**

୧. କାର୍ଯ୍ୟାଦେଶ ହେବାର ୭ ଦିନ ମଧ୍ୟରେ ଓଡିଶା ନିର୍ମାଣ ଶ୍ରମିକ ସାମୟିକ ରହଣୀସ୍ଥଳ (ଆଶ୍ରୟ)ର ପରିଚାଳନା ସମ୍ବନ୍ଧୀୟ ଯୋଜନା ରିପୋର୍ଟର ପ୍ରସ୍ତୁତି ଏବଂ ଦାଖଲ ।

୨. ଉପଭୋକ୍ତା ଦେୟ ସଂଗ୍ରହ ଉପରେ ମାସିକ ରିପୋର୍ଟ ଦାଖଲ କରିବା ।

୩. ଓଡିଶା ନିର୍ମାଣ ଶ୍ରମିକ ସାମୟିକ ରହଣୀସ୍ଥଳ (ଆଶ୍ରୟ) ପରିଚାଳନା ଉପରେ ମାସିକ ରିପୋର୍ଟ ଦାଖଲ କରିବା ।

୪. ଓଡିଶା ନିର୍ମାଣ ଶ୍ରମିକ ସାମୟିକ ରହଣୀସ୍ଥଳ (ଆଶ୍ରୟ)ର ପରିବେଶ ପରିଷ୍କାରତା ଏବଂ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ଉପରେ ମାସିକ ରିପୋର୍ଟ ଦାଖଲ ।

୫. କର୍ମଶାଳା ଏବଂ ତାଲିମ ଉପରେ ରିପୋର୍ଟ ଦାଖଲ କରିବା ।

୬. ବାସିନ୍ଦାଙ୍କ ମାସିକ ଡାଟାବେସ୍ ରିପୋର୍ଟ ଦାଖଲ କରିବା ।

୭. ଆଶ୍ରୟ ପରିଚାଳନା କମିଟି (SMC) ଗଠନ ଏବଂ ମାସିକ ବୈଠକ ପରେ ଏହାର ରିପୋର୍ଟ ପ୍ରଦାନ କରିବା ।

୮. ମାସିକ ପ୍ରଗତି ରିପୋର୍ଟ (MPR) ଏବଂ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ରିପୋର୍ଟ ପ୍ରଦାନ କରିବା ।

**(ଘ) ଆଶ୍ରୟ ପରିଚାଳନା ସଂସ୍ଥା (ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ସ୍ତରୀୟ ମହାସଂଘ)ର ଭୂମିକା:**

୧. ନିର୍ମାଣ ଶ୍ରମିକଙ୍କ ପାଇଁ ସଚେତନତା ସୃଷ୍ଟି କରିବା ।

୨. ଓଡିଶା ନିର୍ମାଣ ଶ୍ରମିକ ସାମୟିକ ରହଣୀସ୍ଥଳ (ଆଶ୍ରୟ) ପରିଚାଳନା ନିମନ୍ତେ କର୍ମଚାରୀ ନିୟୋଜନ କରିବା ।

୩. ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟ, ଶିକ୍ଷା, ଆଇନଗତ ସହାୟତା ପାଇଁ ଅଧିକାରକୁ ନିଶ୍ଚିତ କରାଇବା ।

୪. ମହାନଗର ନିଗମ ସହିତ ସମନ୍ୱୟରେ ଆର୍ଥିକ ଅନ୍ତର୍ଭୁକ୍ତ ନିଶ୍ଚିତ କରାଇବା ।

୫. ଓଡିଶା ନିର୍ମାଣ ଶ୍ରମିକ ସାମୟିକ ରହଣୀସ୍ଥଳ (ଆଶ୍ରୟ)ର ନିୟମିତ ପରିଚାଳନା (୨୪ x ୭ ଘଣ୍ଟା) ଯେପରିକି ସ୍ୱଚ୍ଛତା / ଆଶ୍ରୟର ଅନୁଶାସନକୁ ବଜାୟ ରଖିବା ।

୬. ନିର୍ମାଣ ଶ୍ରମିକଙ୍କ ସାମାଜିକ ଓ ଆର୍ଥିକ ଉନ୍ନତି ନିମନ୍ତେ ଅନ୍ୟାନ୍ୟ ବିଭାଗ ସହିତ ଯୋଗାଯୋଗ ରକ୍ଷା କରିବା ଯେପରିକି ସାମାଜିକ ସୁରକ୍ଷା ଭତ୍ତା, ଆଇସିଡିଏସ୍ ସୁବିଧା, ଆର୍ଥିକ ଅନ୍ତର୍ଭୁକ୍ତ, ଶିକ୍ଷା, ସୁଲଭ ଗୃହ, ଆଧାର କାର୍ଡରେ ଅନ୍ତର୍ଭୂକ୍ତ, ମାଗଣା ଆଇନ ସହାୟତା, ସ୍ୱାସ୍ଥ୍ୟ ଯାଞ୍ଚ ଇତ୍ୟାଦି ।

୭. ବୁଝାମଣା ଚୁକ୍ତିପତ୍ର (ଏମ୍ଓୟୁ) ରେ ବ୍ୟାଖ୍ୟା କରାଯାଇଥିବା ମୌଳିକ ସେବା ଯୋଗାଇବା ।

୮. ଅନ୍ତେବାସୀଙ୍କ ସୁରକ୍ଷା ନିଶ୍ଚିତ କରିବା ଉଚିତ୍ ।

୯. ଏକ ନିର୍ମାଣ ଶ୍ରମିକ ସାମୟିକ ରହଣୀସ୍ଥଳ (ଆଶ୍ରୟ) ପରିଚାଳନା କମିଟି (SMC) ଗଠନ କରିବା ।

୧୦. ଆଶ୍ରୟ ପରିଚାଳନାରେ ଏକ ମାନବିକ ଏବଂ ସମ୍ପ୍ରଦାୟ-କେନ୍ଦ୍ରିକ ଉପାୟ ଅବଲମ୍ବନ କରିବା ।

୧୧. ପରିଚାଳନା ସଂସ୍ଥା ଆଶ୍ରୟରେ ନିମ୍ନଲିଖିତ ରେଜିଷ୍ଟର ଗୁଡିକ ମେନଟେନ୍ କରିବା ଉଚିତ୍ ।

- ଆଶ୍ରୟ ଆସେଟ୍ ରେଜିଷ୍ଟର
- ଉପସ୍ଥାନ ରେଜିଷ୍ଟର
- ଆଶ୍ରୟ ପରିଚାଳନା କମିଟି (SMC) ବୈଠକ ରେଜିଷ୍ଟର ।
- ଦରମା ଦେୟ ବିବରଣୀ ସହିତ କର୍ମଚାରୀ ପଞ୍ଜୀକରଣ ରେଜିଷ୍ଟର
- ଅତିଥି ରେଜିଷ୍ଟର
- ହାଉସ୍ କିପିଂ ରେଜିଷ୍ଟର
- ସ୍ୱାସ୍ଥ୍ୟ ଯାଞ୍ଚ ରେଜିଷ୍ଟର
- ରକ୍ଷଣାବେକ୍ଷଣ ରେଜିଷ୍ଟର
- ଅଭିଯୋଗ ଏବଂ ପରାମର୍ଶ ରେଜିଷ୍ଟର
- ମାସିକ ଏବଂ ବାର୍ଷିକ ରିପୋର୍ଟ ରେକର୍ଡ
- ଅନ୍ତେବାସୀ / ନାମଲେଖା ରେଜିଷ୍ଟରର ପ୍ରୋଫାଇଲ୍
- ଆକାଉଣ୍ଟ୍ ରେଜିଷ୍ଟର ଏବଂ କ୍ୟାଶ୍ ବୁକ୍ ।

୧୨. ଉପଭୋକ୍ତା ଫି ସଂଗ୍ରହ କରିବା । ମହାନଗର ନିଗମ ଅଧିକାରୀ ଏବଂ ପରିଚାଳନା ସଂସ୍ଥା ଦ୍ୱାରା ମିଳିତ ଭାବରେ ପରିଚାଳିତ ବ୍ୟାଙ୍କ ଏକାଉନ୍ଟ ରେ ଜମା କରିବା ଏବଂ ରେଜିଷ୍ଟର ଅଧୁନାତନ ରଖିବା ।

### (ଙ) ରିପୋର୍ଟିଂ ସିଷ୍ଟମ୍:

୧- ଆଶ୍ରୟ ପରିଚାଳନା ସଂସ୍ଥା ମାସିକ ପ୍ରଗତି ରିପୋର୍ଟ (MPR) ସହିତ ଏକ ମାସିକ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ଏବଂ ଆର୍ଥିକ ରିପୋର୍ଟ ପ୍ରତ୍ୟେକ ମାସର ୫ ତାରିଖ କିମ୍ବା ତା ପୂର୍ବରୁ ନୋଡାଲ ଅଫିସରଙ୍କ ନିକଟରେ ଦାଖଲ କରିବା ଉଚିତ୍ ।

୨- କୌଣସି ଅନ୍ତେବାସୀଙ୍କର ଆକସ୍ମିକ ଦୁର୍ଘଟଣା କିମ୍ବା ଅସ୍ୱାଭାବିକ ମୃତ୍ୟୁର ଖବର ତୁରନ୍ତ ପରିଚାଳନା ସଂସ୍ଥା ଦ୍ୱାରା ନୋଡାଲ ଅଫିସରଙ୍କୁ ରିପୋର୍ଟ କରିବା ଉଚିତ୍ ।

### (ଚ) ଅଭିଯୋଗ ସମାଧାନ ବ୍ୟବସ୍ଥା :

୧- ସମସ୍ତ ଆଶ୍ରୟସ୍ଥଳୀରେ ଏକ ଅଭିଯୋଗ ପଞ୍ଜିକରଣ ରେଜିଷ୍ଟର କିମ୍ବା ଏକ ଲକ୍ ବକ୍ସ ରଖିବା ଆବଶ୍ୟକ, ଯେଉଁଠାରେ ବାସିନ୍ଦାମାନେ ଅଭିଯୋଗ ରେକର୍ଡ କରିପାରିବେ ।

୨- ଆଶ୍ରୟ ପରିଚାଳନା ସଂସ୍ଥା ନିଶ୍ଚିତ ଭାବରେ ଦାୟୀ ରହିବେ ଯେ ଅଭିଯୋଗଗୁଡିକ ରେକର୍ଡ ହେବାର ସର୍ବାଧିକ ୧୫ ଦିନ ମଧ୍ୟରେ ସମାଧାନ ହେବ । ଅଭିଯୋଗ, ଯାହାକି ତୁରନ୍ତ ସମାଧାନ ଆବଶ୍ୟକ କରେ, ଯେପରିକି କ୍ଲୋଜଡ୍ ଟଏଲେଟ୍, ପର୍ଯ୍ୟାପ୍ତ ଶଯ୍ୟା ଏବଂ ପାନୀୟ ଜଳ ନାହିଁ, ଏହାକୁ ଯଥାଶୀଘ୍ର ସମାଧାନ କରାଯିବା ଉଚିତ୍ ।

୩- ଆଶ୍ରୟ ପରିଚାଳନା କମିଟି (SMC) ଅଭିଯୋଗଗୁଡିକର ଠିକ୍ ସମୟରେ ସମାଧାନ ନିଶ୍ଚିତ କରିବା ।

୪- ଯଦି ଆଶ୍ରୟ ପରିଚାଳନା ସଂସ୍ଥା ଦ୍ୱାରା ନିର୍ଦ୍ଦିଷ୍ଟ ଅଭିଯୋଗ ସମାଧାନ ନହୁଏ, ତେବେ ରାଉରକେଲା ମହାନଗର ନିଗମ ଅଧିକାରୀ ତୁରନ୍ତ ସମାଧାନ କରିବେ ।

୫- ଆଶ୍ରୟ ପରିଚାଳନା ସଂସ୍ଥା ଗୁଡିକ ପୂର୍ବ ନିର୍ଦ୍ଧାରିତ ଫର୍ମାଟରେ ଏକ ମାସିକ ରିପୋର୍ଟ ଦାଖଲ କରିବା ଉଚିତ୍ ।

**(ଛ) ଆଶ୍ରୟ ପରିଚାଳନା ସଂସ୍ଥା ପାଇଁ ଦେୟ ସର୍ତ୍ତାବଳୀ:**

- ଅନୁମୋଦିତ ହାରରେ ଦିଆଯାଇଥିବା କାର୍ଯ୍ୟର ସନ୍ତୋଷଜନକ କାର୍ଯ୍ୟ ସମାପ୍ତ ହେବା ପରେ ବିଲ୍ ଦାଖଲ ଦାଖଲ ଉପରେ ଦେୟ ପ୍ରଦାନ କରାଯିବ ।
- ବିଲ୍ ସହିତ ସମସ୍ତ ଆବଶ୍ୟକୀୟ ଦସ୍ତାବିଜ ଦାଖଲ କରିବାର ୭ ଦିନ ମଧ୍ୟରେ ଦେୟ ପ୍ରଦାନ କରାଯିବ ।
- ଆଶ୍ରୟ ପରିଚାଳନା ସଂସ୍ଥାର O&M ମୂଲ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡିଶା ସରକାର, ଚିଠି ସଂଖ୍ୟା: ୬୪୩/OUHM (Rental Housing), ତାରିଖ: ୧୦-୦୫-୨୦୨୨ ଅନୁଯାୟୀ ବାର୍ଷିକ ଅନୁମୋଦିତ ମୂଲ୍ୟ ଉପରେ ଆଧାରିତ ହେବା ଉଚିତ୍ ।
- ଖର୍ଚ୍ଚରେ ଯେକୌଣସି ବିଚ୍ୟୁତି ଉପରେ ରାଉରକେଲା ମହାନଗର ନିଗମ ଅଧିକାରୀଙ୍କ ଠାରୁ ପ୍ରାଥମିକ ଅନୁମୋଦନ ଲୋଡ଼ିବା ଉଚିତ୍ ।
- ଆୟ କର ଅଧିନିୟମର ଧାରା ୧୯୪-C ଅନୁଯାୟୀ ସଂସ୍ଥା ଠାରୁ ଆୟକର ପରି ଆୟ ପରିମାଣର ଆୟ ହାରରେ କଟାଯିବ ।

**(ଜ) ଯେକୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର :**

କୌଣସି କାରଣ ନଦେଇ, ରାଉରକେଲା ମହାନଗର ନିଗମ ଯେକୌଣସି ପ୍ରସ୍ତାବକୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିପାରିବ ଏବଂ ଏହି ଚୟନ ପ୍ରକ୍ରିୟାକୁ ମଧ୍ୟ ବାତିଲ କରିପାରିବ ଏବଂ ସମସ୍ତ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ ମଧ୍ୟ କରିପାରିବ ।

ନିମ୍ନଲିଖିତ କାରଣ ପାଇଁ, ଯେକୌଣସି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ଅଛି:

- ଯଦି ପ୍ରସ୍ତାବରେ କୌଣସି ବିଷୟରେ ଭୁଲ ଉପସ୍ଥାପନା କରାଯାଇଥାଏ ଏବଂ ତାହା ଉନ୍ମୁକ୍ତ ହୁଏ,
- ଯଦି ସ୍ୱୟଂ ସହାୟକ ଗୋଷ୍ଠୀ/ ଆଞ୍ଚଳିକ ମହାସଂଘ ପର୍ଯ୍ୟାପ୍ତ ସୂଚନା ଦାଖଲ କରେ ନାହିଁ